To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.203, ଭଦ୍ରକ, ରବିବାର, ୨୦, ଜାନୁଆରୀ ୨୦୧୯ ■ Bhadrak Sunday, 20 January 2019 Rs. 2.00 Pages-8

## କଂଗ୍ରେସରୁ ଶ୍ରୀକାନ୍ତ ଜେନା ଓ କୃଷ୍ଣଚନ୍ଦ୍ର ଶଗରିଆ ବହିଷ୍କୃତ



# ୨୦୦ ଟଙ୍କା ଭତ୍ତା ବଢ଼ିଲା

## ନବୀନଙ୍କ ଆଉ ଏକ ଉପହାର



### 'ଆପଣମାନେ ଭଲରେ ରହିଲେ ମୋର ସବୁଠାରୁ ବଡ ଖୁସି'

- ■ ମଧୁବାବୁ ପେନସନ୍ ଯୋଜନାରେ ଅଧିକ ୫ ଲକ୍ଷ ସାମିଲ
- ■ ୪୮ ଲକ୍ଷ ହିତାଧିକାରୀ ହେବେ ଉପକୃତ

ଭୁବନେଶ୍ୱର, ୧୯।୧ (ସକାଳ ଖବର): ସାମାଜିକ ସୁରକ୍ଷା ଯୋଜନା ଗୁଡିକରେ ରାଜ୍ୟ ସରକାର ଭତାର ପରିମାଣ ବୃଦ୍ଧି କରିଛନ୍ତି। ଏଣିକି ୩୦୦ ଟଙ୍କା ଭତା ପାଉଥିବା ହିତାଧିକାରୀ ୫୦୦ ଟଙ୍କା ଓ ୫୦୦ ଟଙ୍କା ଭତା ପାଉଥିବା ହିତାଧିକାରୀ ୭୦୦ ଟଙ୍କାର ଭତା ପାଇବେ। ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ୫୦୦ ଟଙ୍କା ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ୭୦୦ ଟଙ୍କା ପାଇବେ। ଆସନ୍ତା ଫେବୃଆରୀ ମାସ ୧୫ ତାରିଖରେ ଏହି ବର୍ଦ୍ଧିତ ଭତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାଦ୍ୱାରା ପ୍ରାୟ ୪୮ ଲକ୍ଷ ବାର୍ଦ୍ଧକ୍ୟ ଭତା ପାଉଥିବା ପାଉଥିବା ବୃଦ୍ଧ ଓ ବୃଦ୍ଧା , ବିଧବା ମହିଳା , ଦିବ୍ୟାଙ୍ଗ ଓ ଅସହାୟ ମହିଳା ହିତାଧିକାରୀମାନେ ଉପକୃତ ହେବେ।
ଶନିବାର ଦିନ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାମାଜିକ ସୁରକ୍ଷା ଉପରେ ସେ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ସମାଜର ଗରିବ ଲୋକଙ୍କ କଲ୍ୟାଣ କଥା ସେ ସର୍ବଦା ଚିନ୍ତା କରନ୍ତି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ସେ ଚାହାନ୍ତି ରାଜ୍ୟର ସବୁ ଯୋଗ୍ୟ ହିତାଧିକାରୀ ସାମାଜିକ ସୁରକ୍ଷା ପାଆନ୍ତୁ। ତାକୁ ଦୃଷ୍ଟିରେ ରଖି ନିକଟରେ ମଧୁବାବୁ ପେନସନ୍ ଯୋଜନାରେ ଅଧିକ ୫ ଲକ୍ଷ ଲୋକଙ୍କୁ ସାମିଲ କରାଯାଇଛି। ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗରୀବ ଲୋକଙ୍କ କଲ୍ୟାଣ ମୋତେ ସବୁଠାରୁ ଅଧିକ ସନ୍ତୋଷ ଦେଇଥାଏ। ଆପଣମାନେ ଭଲରେ ରହିଲେ ତାହା ମୋର ସବୁଠାରୁ ବଡ ଖୁସି।

# ମୋଦିଙ୍କ ବିରୁଦ୍ଧରେ ମେଗାରାଲି




କୋଲକାତା, : ମୋଦିଙ୍କ ବିରୁଦ୍ଧରେ ମହାମେଳି । କୋଲକାତାରେ ବିରୋଧୀଙ୍କ ରାଲିରେ ବିଜେପି ଓ ପିଏମ ମୋଦୀଙ୍କ ବିରୋଧରେ ହମଲା କରି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ, ମୋଦୀ ସରକାରଙ୍କ ଏକ୍ସପାଏରୀ ଡେଟ୍ ଶେଷ ହୋଇଯାଇଛି । ସେ କହିଛନ୍ତି ଯେ, ସବୁ ବିରୋଧୀ ଦଳ ଏକଜୁଟ୍ ହୋଇ କାମ କରିବାକୁ ପ୍ରତିଶ୍ରୁତି ଦେଉଛନ୍ତି ଏବଂ ପ୍ରଧାନମନ୍ତ୍ରୀ କିଏ ହେବ ଏହା ଉପରେ ନିଷ୍ପତ୍ତି ଆମେ ଲୋକସଭା ନିର୍ବାଚନ ପରେ ନେବୁ । ବିରୋଧୀ ନେତାଙ୍କ ଉପରେ ସିବିଆଇ ଓ ଇଡିର ଚାଲିଥିବା କାର୍ଯ୍ୟାନୁଷ୍ଠାନ ମାମଲା ଉପରେ କହିଛନ୍ତି ଯେ ଯଦି ମୋଦୀ କାହାରିକୁ ଛାଡୁ ନାହାନ୍ତି ତେବେ ଆମେ କଣ ପାଇଁ ଆପଣଙ୍କୁ ଛାଡ଼ିବୁ ?

### ଦୂରରୁ ଥାଇ ଦେଖିଲା ବିଜେଡି

କୋଲକାତାରେ ବିରୋଧୀଙ୍କ ମହାସମ୍ମିଳନୀରେ ମମତା ବହୁତ ଉତ୍ସାହିତ ନଜର ଆସିଥିଲେ । ସେ ତାତ୍ସଲ୍ୟଭରା ସ୍ୱରରେ ବିଜେପି ଓ ନରେନ୍ଦ୍ର ମୋଦୀଙ୍କ ଉପରେ ଖୁବ୍ ବର୍ଷିଥିଲେ । ମୋଦିଙ୍କ ଉପରେ ହମଲା କରି ସେ କହିଛନ୍ତି ଯେ, କାହା ଉପରେ ବ୍ୟକ୍ତିଗତ ଟିପ୍ପଣୀ କରିବା ଆମର ସଂସ୍କୃତି ନୁହେଁ, ମାତ୍ର ଆପଣ ତ କାହାରିକୁ ଛାଡ଼ି ନାହାନ୍ତି । ତେଣୁ ସବୁ ଦଳ ଆପଣଙ୍କୁ କଣ ପାଇଁ ଛାଡ଼ିବେ ? ସେ କହିଛନ୍ତି ଯେ, ଯେବେ ଲୋକ ଆପଣଙ୍କ ସହିତ ଆସିବେ ତେବେ ଠିକ୍, ଯଦି ନ ଆସିବେ ସବୁ ଚୋର । ସେ କହିଛନ୍ତି ଯେ, ଆପଣ ସମ୍ବିଧାନ ବଦଳାଇ ଦେଉଛନ୍ତି, ଇତିହାସ ବଦଳାଇ ଦେଉଛନ୍ତି, ଭୂଗୋଳ ବଦଳାଇ ଦେଉଛନ୍ତି । ଯେବେ ଆପଣ (ପୃଷ୍ଠା-୭)

# ଟ୍ରେନ୍‌ରେ କଟିଗଲେ ବାପ-ପୁଅ

ବାଲେଶ୍ୱର, ୧୯।୧ (ସକାଳ ଖବର): ରେଳ ଧାରଣା ଅତିକ୍ରମ କରୁଥିବା ବେଳେ ଟ୍ରେନ୍ ଧକ୍କାରେ ବାପ ପୁଅଙ୍କ ମୃତ୍ୟୁ ଘଟିଛି । ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି ବାଲେଶ୍ୱର ଜିଲ୍ଲା ରୁପସା ରେଳ ଷ୍ଟେସନ ନିକଟସ୍ଥ ଲେଭୁଲ କ୍ରସିଂ ନିକଟରେ । ମୃତ ବାପ ପୁଅଙ୍କ ଘର ଯାଜପୁର ଅଂଚଳରେ ବୋଲି ଅନୁମାନ କରାଯାଉଛି ।
ସୂଚନା ଅନୁଯାୟୀ, ମୃତକ ପାର୍ଥ ରାଜୁ ପ୍ରଧାନ ଦୀର୍ଘ ଦିନ ହେବ ନିଜ ପରିବାର ସହିତ ରୁପସା ରେଳ ଷ୍ଟେସନ ନିକଟରେ ଅସ୍ଥାୟୀ ଭାବେ ରହି ଆସୁଥିଲେ । ଦିନ ମଜୁରିଆ ଭାବେ ସେ ନିଜର ପରିବାର ଭରଣପୋଷଣ କରି ଆସୁଥିଲେ । ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ପାର୍ଥ ଓ ତାଙ୍କର ୪ ବର୍ଷିୟ ପୁଅ କ୍ଷିତିଶ ନିକଟସ୍ଥ ଲେଭୁଲ କ୍ରସିଂ ପାର୍ ହେଉଥିବା ବେଳେ ଦୂରନ୍ତ ଏକ୍ସପ୍ରେସ ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ବାପ ପୁଅଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ରେଲୱେ ପୋଲିସ ସେଠାରେ ପହଂଚି ମୃତକ ଦ୍ୱୟଙ୍କ ଶବ ଜବତ କରିବା ସହିତ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ସମ ଦୂରତ୍ୱ-ସମାନ ଷ୍ଟ୍ରାଟେଜି

"କିନ୍ତୁ ଏ କଥା ବି ମାନିବାକୁ ହେବ ଗତ ୪ଟି ନିର୍ବାଚନ ଅପେକ୍ଷା ଏହି ନିର୍ବାଚନ ନବୀନଙ୍କ ଲାଗି ଅଧିକ ଚ୍ୟାଲେଞ୍ଜିଂ । ସବୁଥର ବିଜେଡିର ସିଧା ଫାଇଟ୍ କଂଗ୍ରେସ ସହ ଥିବା ବେଳେ ଏଥର ସାମ୍ନାରେ ଥିବ ବିଜେପି । ବିଶେଷକରି, ମୋଦି-ଶାହାଙ୍କ ଭଳି ଧୁରୀଣ ରାଜନୀତିଜ୍ଞଙ୍କ ଗେମ୍ ପ୍ଲାନ୍ ସହ ହେବ ଟକ୍କର । ସ୍ୱାଭାବିକ ଭାବେ ନବୀନଙ୍କ ଲାଗି ଏଥର କଂଗ୍ରେସ ନୁହେଁ ବିଜେପି ଶତ୍ରୁ ନମ୍ବର ଏକ । "



ଭୁବନେଶ୍ୱର, ୧୯।୧ (ସକାଳ ଖବର): ୨୦୧୯ରେ କଣ ହେବ ଜାତୀୟ ରାଜନୀତିର ସମୀକରଣ? ରାଜ୍ୟ ରାଜନୀତିରେ କିଏ ମାରିବ ବାଜି? ମମତାଙ୍କ ମହାମେଳି କିଛି ପ୍ରଭାବ ପକାଇବ କି? ନିର୍ବାଚନ ପୂର୍ବରୁ ଏମିତି ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ । ହେଲେ ଏ ସବୁ ଭିତରେ ଏହା ସ୍ୱୀକାର କରିବାକୁ ହେବ ଓଡ଼ିଶା ଦୃଷ୍ଟିକୋଣରୁ ଏବେ ବି ବିରୋଧୀଙ୍କଠାରୁ ବହୁ ଆଗରେ ନବୀନ । ଠିକ୍ ସମୟରେ ଠିକ୍ ଗୋଟି ଚାଳନାର ଦକ୍ଷତା ନବୀନଙ୍କୁ ଗଲା ୧୯ ବର୍ଷ ହେଲା ଅପ୍ରତିଦ୍ୱନ୍ଦୀ କରିଛି । କିନ୍ତୁ ଏ କଥା ବି ମାନିବାକୁ ହେବ ଗତ ୪ଟି ନିର୍ବାଚନ ଅପେକ୍ଷା ଏହି ନିର୍ବାଚନ ନବୀନଙ୍କ ଲାଗି ଅଧିକ ଚ୍ୟାଲେଞ୍ଜିଂ । ସବୁଥର ବିଜେଡିର ସିଧା ଫାଇଟ୍ କଂଗ୍ରେସ ଥିବା ବେଳେ ଏଥର ସାମ୍ନାରେ ଥିବ ବିଜେପି । ବିଶେଷକରି, ମୋଦି-ଶାହାଙ୍କ ଭଳି ଧୁରୀଣ ରାଜନୀତିଜ୍ଞଙ୍କ ଗେମ୍ ପ୍ଲାନ୍ ସହ ହେବ ଟକ୍କର । ସ୍ୱାଭାବିକ ଭାବେ ନବୀନଙ୍କ ଲାଗି ଏଥର କଂଗ୍ରେସ ନୁହେଁ ବିଜେପି ଶତ୍ରୁ ନମ୍ବର ଏକ ।
ଏସବୁ ବଦଳୁଥିବା ଇକ୍ୱେସେନ ଭିତରେ ଗଲା ୧୦ ବର୍ଷ ହେଲା ଯାହା ବଦଳି ନାହିଁ, ତାହା ହେଉଛି ନବୀନଙ୍କ ସମ ଦୂରତ୍ୱ ରଣନୀତି । ମାନେ ବିଜେପି-କଂଗ୍ରେସଠାରୁ ଏକା ପ୍ରକାର ଦୂରତା ବଜାୟ । ଜାତୀୟସ୍ତରରେ ଯେବେ ବି କିଛି ନୂଆ ସମୀକରଣ ଦାନା ବାନ୍ଧିଛି, ନବୀନ ନିଜକୁ ସେଥିରୁ ଦୂରେଇ ରଖିଛନ୍ତି । କେଉଁ ମେଣ୍ଟରେ ବି ନିଜକୁ ସାମିଲ୍ କରି ନାହାନ୍ତି । ସମଦୂରତା କଥାକୁ ବାର୍ ବାର୍ ଦୋହରାଇଛନ୍ତି । ଏପରିକି ଅଣବିଜେପି, ଅଣକଂଗ୍ରେସ ମେଣ୍ଟ ବେଳେ ବି ତରବରିଆ ନିଷ୍ପତ୍ତି ନ ନେଇ, ଶେଷ ଯାଏଁ ଅପକ୍ଷା କରିବାକୁ ଉଚିତ୍ ମନେ କରିଛନ୍ତି । ଯାହା ନବୀନଙ୍କୁ ପୋଖତ୍ ରାଜନେତା କରିବା ସହ ତାଙ୍କ ଷ୍ଟ୍ରାଟେଜି ଅନ୍ୟମାନଙ୍କ ଲାଗି ଏବେ ବି ରହସ୍ୟମୟ ହୋଇ ରହିଛି । ଏ ତ ହେଲା ଦିଲ୍ଲୀ ଦରବାରରେ ନବୀନଙ୍କ ରଣନୀତି ।
ଏବେ ଦେଖିବା ଆସନ୍ତୁ ଓଡ଼ିଶାରେ ବିଜେପି, କଂଗ୍ରେସ ବିରୋଧରେ କେମିତି ଷ୍ଟ୍ରାଟେଜି ରହିଛି ନବୀନଙ୍କ । ଗଲା ଗୋଟେ ମାସରେ ୩ଥର ଓଡ଼ିଶା ଆସିଲେଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । କେବଳ ଖୋର୍ଦ୍ଧାକୁ ଛାଡିଲେ ବାରିପଦା, ବଲାଙ୍ଗିରରେ ମୋଦିଙ୍କ ଖବରକୁ ଭାଗ ଭାଗ କରିଛନ୍ତି ରାଜ୍ୟ ସରକାର । ବାରିପଦାରେ ଠିକ୍ ମୋଦିଙ୍କ ସୋ' ବେଳକୁ ପୁରୀରେ ଚାଲିଥିଲା ରାଜ୍ୟ ସରକାରଙ୍କ ମହିଳା ସମାବେଶ । ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଲାଗି ସହାୟତା ବର୍ଷା କରିଥିଲେ ନବୀନ । ଯାହା ଗଣମାଧ୍ୟମରେ ମୋଦିଙ୍କ କାର୍ଯ୍ୟକ୍ରମ ସହ ନବୀନଙ୍କ କାର୍ଯ୍ୟକ୍ରମକୁ ସମାନ ଗୁରୁତ୍ୱ ଦେଇଥିଲା । ମାନେ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କରି କାର୍ଯ୍ୟକ୍ରମ ଦିନ ନିଜର ଶକ୍ତି ଦେଖାଇବାରେ ସକ୍ଷମ ହୋଇଥିଲେ ନବୀନ । ଆଉ ମୋଦିଙ୍କ ବଲାଙ୍ଗିର ଗସ୍ତ ବେଳେ ବି ଏକା ଷ୍ଟାଇଲର ସ୍କ୍ରିପ୍ଟ ତିଆରି କରିଥିଲେ ନବୀନ । ବରମୁଣ୍ଡା ପଡ଼ିଆରେ କୃଷକଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା କୃଷି ଓଡ଼ିଶା । ପୁଣି ମୋଦି-ନବୀନ ଖବର ଭାଗ ଭାଗ ହୋଇଥିଲା । ଏପରିକି ଉଭୟ ହେଭିୱେଟ୍‌ଙ୍କ ଅଭିଭାଷଣ ସମୟ ବି ଏକା ଥିଲା । ଏ ସବୁ ଭିତରେ ଆସନ୍ତା ୨୫ରେ ଓଡ଼ିଶା ଆସୁଛନ୍ତି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି । ରାଜ୍ୟ କଂଗ୍ରେସ ବେଶ୍ ଉତ୍ସାହିତ । ଖବରର ଶିରୋନାମାରେ ରାହୁଲଙ୍କୁ ରଖିବାକୁ ଫୁଲ୍ ଦମରେ ଝାଳ ବୁହାଉଛି ନିରଂଜନ ଏଣ୍ଡ କୋ । ହେଲେ ଏ ସବୁରେ ପୁଣି କେଁ ପୂରେଇବେ ନବୀନ । ମାନେ ଠିକ୍ ରାହୁଲଙ୍କ ସଭା ଦିନ କାଳିଆ ଯୋଜନାର ବଡ଼ କାର୍ଯ୍ୟକ୍ରମ ରଖିଛନ୍ତି ରାଜ୍ୟ ସରକାର । କୃଷକଙ୍କ ଆକାଉଣ୍ଟକୁ ଟଙ୍କା ଯିବା ପ୍ରକ୍ରିୟା ଆରମ୍ଭ କରିବେ ମୁଖ୍ୟମନ୍ତ୍ରୀ । ଏହା ଅର୍ଥ ରାହୁଲଙ୍କ ନ୍ୟୁଜରେ ମଧ୍ୟ ବସିବ ନବୀନଙ୍କ ଭାଗ । ଏ ସବୁ ଏହା ଦର୍ଶାଉଛି ନବୀନଙ୍କ ଲାଗି ଉଭୟ ମୋଦି ଓ ରାହୁଲ ସମାନ ଗୁରୁତ୍ୱ ରଖନ୍ତି । ସେ ବିଜେପି ହେଉ କି କଂଗ୍ରେସ କାହାକୁ ବି ନିଜ ଅଭେଦ୍ୟ ଦୁର୍ଗ ଭେଦ କରିବାର ସାମାନ୍ୟ ସୁଯୋଗ ଦେବାକୁ ଚାହାନ୍ତି ନାହିଁ । ନବୀନ କଂଗ୍ରେସ ଓ ବିଜେପି ବରୋଧରେ ସମଦୂରତ୍ୱ ରଖୁଥିବା ନବୀନ, ଉଭୟଙ୍କୁ ପ୍ରତିହତ କରିହାରୁ ସମାନ ଷ୍ଟ୍ରାଟେଜିରେ ଆଗକୁ ବଢୁଛନ୍ତି ।




# ମୁକୁଳା ରେଳ ଫାଟକ

## ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ପୁରୀ,୧୯।୧ (ସକାଳ ଖବର): ଟ୍ରେନ୍ ଯାଉଥିବା ବେଳେ ମୁକୁଳା ରହିଲା ରେଳ ଫାଟକ । ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ସାଧାରଣ ଲୋକେ । ଆଜି ସକାଳେ ତପସ୍ୱିନୀ ଏକ୍ସପ୍ରେସ୍ ପୁରୀ ଆସୁଥିବା ବେଳେ ଷ୍ଟେସନର ଆଉଟ୍ ଡୋର୍ ଠାରୁ କିଛି ଦୂରରେ ଘଟିଥିଲା ଏଭଳି ଏକ ଅଘଟଣ । ରେଳ କର୍ମଚାରୀଙ୍କ ଦାୟୀତ୍ୱହିନତା, ବିଦ୍ୟୁତ ସମସ୍ୟା ହେଉ ଅବା ଘନ କୁହୁଡ଼ି ଯୋଗୁଁ ଡ୍ରାଇଭର ସିଗନାଲ୍ ନଦେଖିଥାଇପାରନ୍ତି, କାରଣ ଯାହା ବି ହେଉ ନା କାହିଁକି ଏକ ବଡ଼ ଧରଣର ଦୁର୍ଘଟଣା ଟଳି ଯାଇଛି । ରେଳ ବିଭାଗ ପକ୍ଷରୁ ଘଟଣାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଟ୍ରେନ୍ ର ଡ୍ରାଇଭର ଗୋବିନ୍ଦ ସାହୁ ଏବଂ ଆସିଷ୍ଟାଂଟ ଡ୍ରାଇଭର ଉମେଶ କୁମାରଙ୍କୁ ନିଲମ୍ବନ କରାଯାଇଛି । ଏମାନେ ସିଗନାଲ୍ କୁ ନମାନି ଲେଭୁଲ କ୍ରସିଂ ପାର୍ କରିଥିଲେ । ସକାଳ ପ୍ରାୟ (ପୃଷ୍ଠା-୭)

### ଡ୍ରାଇଭର ଓ ସହକାରୀ ଡ୍ରାଇଭର ନିଲମ୍ବିତ

# ପାପୀଙ୍କ ଫାଶରେ ନିଷ୍ପାପ

- ● ୭ମ ଶ୍ରେଣୀର ଛାତ୍ରୀ ଗର୍ଭବତୀ
- ● ଅଭିଯୁକ୍ତ ଗିରଫ

କଳାହାଣ୍ଡି, ୧୯।୧ (ସକାଳ ଖବର): ପାପୀଙ୍କ ପାପ ଥମିବାର ନାଁ ଧରୁନାହିଁ । ଦିନକୁ ଦିନ ଏମାନଙ୍କ ଜାଲରେ ଫସି ଚାଲିଛନ୍ତି ନାବାଳିକା ଛାତ୍ରୀ । ଗତ କିଛିଦିନ ହେବ ଏଭଳି ଯୌନ ରାକ୍ଷସଙ୍କ କାରନାମା ବୃଦ୍ଧି ପାଇଚାଲିଛି । କନ୍ଧମାଳ, ଯାଜପୁର ଓ ଢେଙ୍କାନାଳ ଘଟଣା କଳାହାଣ୍ଡିରେ ପୁନରାବୃତି ହୋଇଛି । ପୁଣି ଥରେ ଜଣେ ନାବାଳିକା ମାତୃତ୍ୱ ଘଟଣା ଧର୍ମଗଡରେ ମଧ୍ୟ ଦେଖିବାକୁ ମିଳିଛି । ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡିଛି । ପୀଡ଼ିତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ପୀଡିତା ଛାତ୍ରୀଙ୍କ ମାଆ ଧର୍ମଗଡ ଥାନାରେ ଏହି ଘଟଣାକୁ ନେଇ ଏତଲା ଦେବା ପରେ ପୋକ୍ସୋ ଆକ୍ଟ ରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅଭିଯୁକ୍ତ ହେଲେ ସୁଗ୍ରୀବ ଜାଲ । ଅଭିଯୋଗ ମୁତାବକ, ଛାତ୍ରୀ ଜଣକ ଗାଁ ସ୍କୁଲ୍ ରେ ପାଠ ପଢନ୍ତି । ନାବାଳିକାଙ୍କ ମାଆ ଏନେଇ ଗତକାଲି ଧର୍ମଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ଥାନା ପୋଲିସ ଏ ସଂକ୍ରାନ୍ତରେ ୭/୧୯ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଘଟଣାରେ ସମ୍ପୃକ୍ତ ନାବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିଥିଲେ ସୁଗ୍ରୀବ ଜାଲ । ଶିଶୁ ଯୌନ ନିରୋଧ ଆଇନ ବଳରେ ପୋଲିସ ଆଜି ଗିରଫ କରି କୋର୍ଟଚାଲାଣ କରିଛି । ସେ ପୂର୍ବରୁ ବିବାହିତ ବୋଲି ଜଣାପଡିଛି । ଅନ୍ୟପକ୍ଷରେ (ପୃଷ୍ଠା-୭)



ରାଜଧାନୀରେ ଶୀତୁଆ ସକାଳ ସାଙ୍ଗକୁ ଘନ କୁହୁଡ଼ିର ଆସ୍ତରଣ



ହୁଣ୍ଡିର ଆୟ (୧୪.୧୨.୧୮)
୧,୮୧,୭୯୧